# କଂଗ୍ରେସର ବିଭ୍ରାନ୍ତକର ପରିସ୍ଥିତି ସୃଷ୍ଟି କରିବାର କୌଶଳ

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ଆଜି କଂଗ୍ରେସ ପାର୍ଟି ଦେଶ ସମ୍ମୁଖୀନ ହେଉଥିବା ସମସ୍ୟାକୁ ହୃଦୟଙ୍ଗମ କରିବାକୁ ଅସମର୍ଥ । ଦେଶର ଅର୍ଥନୀତିକୁ ସୁଧାରିବାରେ ତଥା ଭ୍ରଷ୍ଟାଚାର ଅଭିଯୋଗରୁ ନିଜକୁ ମୁକ୍ତ କରିବାରେ କୌଣସି ଉପାୟ ନପାଇ ଏବଂ ନରେନ୍ଦ୍ର ମୋଦିଙ୍କୁ କିପରି ସାମ୍ନା କରିବେ ତାହା ମଧ୍ୟ ଚିନ୍ତା ନକରି ଅନ୍ୟ କାର୍ଯ୍ୟରେ ବ୍ୟସ୍ତ । ସେମାନେ ନିଜ ସଂସ୍ଥାକୁ ଦୃଢ଼ କରିବା ଓ ନେତାଙ୍କୁ ପ୍ରଭାବ ବିସ୍ତାର କରିବାକୁ ସୁଯୋଗ ନଦେଇ ଓଲଟା ମୋଦିଙ୍କ ବିରୋଧରେ ଅଭିଯୋଗ ଏବଂ ସି.ବି.ଆଇ ତଦନ୍ତ କରିବା ଆରମ୍ଭ କରିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ସୁଶୀଲ କୁମାର ସିନ୍ଧେ ପ୍ରକାଶ କରିଛନ୍ତି କି କେନ୍ଦ୍ର ମୋଦିଙ୍କ ବିରୋଧରେ ଗୁପ୍ତ ଅନୁସନ୍ଧାନ କରିବା ପାଇଁ ଏକ ତଦନ୍ତ କମିଶନଙ୍କୁ ନିଯୁକ୍ତ କରିଛନ୍ତି । କଂଗ୍ରେସ ପାର୍ଟି ବୋଧହୁଏ ବର୍ତ୍ତମାନ ନିର୍ବାଚନର ପରାଜୟରୁ କିଛି ଶିକ୍ଷା ଗ୍ରହଣ କରିନାହିଁ ।

ଟୁ-ଜି ସ୍ପେକ୍ଟ୍ରମ ଭଳି ବିରାଟ ଦୁର୍ନୀତିରେ କଂଗ୍ରେସ ପାର୍ଟି ଜେ.ପି.ସି ଦ୍ୱାରା ଘଣ୍ଟ ଘୋଡ଼ାଇବା ଦ୍ୱାରା ତାହାର ସମାଧାନ ହୋଇଯିବ ବୋଲି ବିଶ୍ୱାସ କରେ । ଏପରିକି ବିରୋଧୀ ଦଳର ସାଂସଦଙ୍କ ମନ୍ତବ୍ୟକୁ ମଧ୍ୟ ଅଣଦେଖା କରିଦେଇଅଛି । ଆଦର୍ଶ ସ୍କାମରେ ମଧ୍ୟ ଏକ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଜନସାଧାରଣଙ୍କ ସମ୍ପତ୍ତି ଲୁଟ ହୋଇଥିଲା । ଯେଉଁଥିପାଇଁ ମହାରାଷ୍ଟ୍ରର କଂଗ୍ରେସ ମୁଖ୍ୟମନ୍ତ୍ରୀ ଅଶୋକ ଚୌହାନଙ୍କ ଇସ୍ତଫା ଦାବି କରାଯାଇଅଛି । ହେଲେ ଆଜି କଂଗ୍ରେସ ପାର୍ଟି ଦଣ୍ଡ ବିଧାନ ପକ୍ରିୟାରେ ବିଳମ୍ବତା ପ୍ରଦର୍ଶନ କରୁଅଛି । କ୍ୟାବିନେଟ ଦ୍ୱାରା ଅଶୋକ ଚୌହାନଙ୍କ ବିରୋଧରେ ତଦନ୍ତ କମିଟି ଦେଇଥିବା ରିପୋର୍ଟକୁ ମଧ୍ୟ ବାତିଲ କରିଦିଆଯାଇଅଛି ।

କଂଗ୍ରେସ ପାର୍ଟି ଗଜୁରାଟର ଜଣେ ମହିଳାଙ୍କୁ ଗୁପ୍ତରେ ସୁରକ୍ଷା ଯୋଗାଇ ଦେବା ନେଇ ଯେପରି ହଲଚଲ ସୃଷ୍ଟି କରିଥିଲା ତାହା ମଧ୍ୟ ନିନ୍ଦନୀୟ । କାରଣ ଉକ୍ତ ମହିଳାଙ୍କ ପରିବାରର ଲୋକ ଜଣାଇଛନ୍ତି କି ତାଙ୍କ ଝିଅକୁ ସୁରକ୍ଷା ଯୋଗାଇବା ପାଇଁ ସେମାନେ ଗୁଜୁରାଟ ସରକାରଙ୍କୁ ଅନୁରୋଧ କରିଥିଲେ । ଏଥିପାଇଁ ଏକ ଅବସର ପ୍ରାପ୍ତ ଜଜଙ୍କ ତତ୍ତ୍ୱାବଧାନରେ ଗୁଜୁରାଟ ସରକାର ଏକ ତଦନ୍ତ କମିଶନ ବସାଇ କାର୍ଯ୍ୟକାରୀ କରାଉଥିବା ବେଳେ କଂଗ୍ରେସ ସରକାର ନିଜ ଅର୍ଥନୀତି ତଥା ଭ୍ରଷ୍ଟାଚାର କଥା ଚିନ୍ତା ନକରି ଓଲଟା କେନ୍ଦ୍ର ଗୃହମନ୍ତ୍ରୀ ପ୍ରକାଶ କରିଛନ୍ତି କି, ସେ କେନ୍ଦ୍ର ସରକାରଙ୍କ ତରଫରୁ ଏକ

ତଦନ୍ତ କମିଶନ ବସାଇ ଉକ୍ତ ସମସ୍ୟାର ସମାଧାନ ଦେବାକୁ ଚାହାନ୍ତି । ତେଣୁ ଉକ୍ତ ଘଟଣାରୁ ସ୍ପଷ୍ଟ ଯେ, କଂଗ୍ରେସ ଦେଶର ବର୍ତ୍ତମାନର ସମସ୍ୟାର ସମାଧାନ ପାଇଁ ଯତ୍ନଶୀଳ ନହୋଇ ପ୍ରତିଶୋଧ ମୂଳକ ଭାବରେ ରାଜନୀତି କରି ଆଗେଇବାକୁ ଚାହୁଁଛି । ଟୁ-ଜି ସ୍ପେକ୍ଟ୍ରମ ସ୍କାମ ତଥା ଆଦର୍ଶ ସ୍କାମରେ ଦେଶକୁ ତଦନ୍ତ କରିବା ଆବଶ୍ୟକ ମାତ୍ର ଗୁଜୁରାଟ ସରକାରଙ୍କ ନେଇ ନୁହେଁ ।